# ଲଘୁଚାପ ନାହିଁ, ମୌସୁମୀ ଦୁର୍ବଳ

**ଜୟପୁର, ୨୨।୭ (ନି.ପ୍ର.)**

କୋରାପୁଟ ଜିଲାରେ ନିଖୋଜ ହୋଇଯାଇଛି ମୌସୁମୀ। ଜୁଲାଇ ମାସରେ ଯେତିକି ବର୍ଷା ହେବାକଥା ତା'ଠାରୁ ବହୁ କମ୍ ବର୍ଷା ହୋଇଛି। ଫଳରେ ଚାଷୀ ଚିନ୍ତାରେ ପଡିଛନ୍ତି। ଜୁନ୍ ଓ ଜୁଲାଇରେ ଉତ୍ତର ପଙ୍ଗୋପସାଗରରେ ଲଘୁଚାପ ସହ ମୌସୁମୀ ସକ୍ରିୟ ରହି ଭଲ ବର୍ଷା ହୁଏ । ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜୁନ ପ୍ରଥମ ସପ୍ତାହକୁ ଛାଡିଦେଲେ ଜୁଲାଇ ମାସରେ ଗୋଟିଏ ମଧ୍ୟ ଲଘୁଚାପ ହୋଇନାହିଁ। ତାପମାତ୍ରା ମଧ୍ୟ କମୁନାହିଁ। ଏହା ଦ୍ୱାରା ବର୍ଷା ହୋଇପାରୁନି। ୫ବର୍ଷର ତଥ୍ୟକୁ ବିଚାର କଲେ ଚଳିତବର୍ଷ ଜୁଲାଇ ମାସରେ କମ୍ ବର୍ଷା ହୋଇଛି । ୨୦୧୬ ଜୁଲାଇ ମାସରେ ୩୭୭.୭୬ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ୨୦୧୭ରେ ଜୁଲାଇରେ ୩୬୪.୨୪ ମି.ମି, ୨୦୧୮ ଜୁଲାଇରେ ୪୯୩,୩୩ ମି.ମି, ୨୦୧୯ ଜୁଲାଇରେ ୫୪୩.୮୯ ମି ମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଚଳିତ ବର୍ଷ ଜୁଲାଇ ୨୨ ସୁଦ୍ଧା ଜିଲାରେ ୨୨୨.୫୯ ମିମି ବର୍ଷା ହୋଇଛି। ଫଳରେ ଅନ୍ୟ ବର୍ଷ ତୁଳାନାରେ ଚଳିତବର୍ଷ ଜୁଲାଇ ଯଥେଷ୍ଟ କମ୍ ବର୍ଷା ହୋଇଛି । ଜୁଲାଇ ୨୨ ସୁଦ୍ଧା କୋରାପୁଟ ବ୍ଲକରେ ୬୮.୨୦ ମି.ମି, ଲମତାପୁଟରେ ୧୭୨.୫୦ ମିମି, ପଟ୍ଟାଙ୍ଗୀ ବ୍ଲକରେ ୨୮୦.୪୦ ମି.ମି, ବନ୍ଧୁଗାଁ ବ୍ଲକରେ ୩୩୧.୨୦, ନନ୍ଦପୁର ବ୍ଲକରେ ୧୩୯.୬୦ ମି.ମି, ଦଶମନ୍ତପୁର ବ୍ଲକରେ ୨୭୩.୨୦ ମି.ମି, ନାରାୟଣପାଟଣା ବ୍ଲକରେ ୨୩୩.୦୦ ମି.ମି,ଲକ୍ଷ୍ମୀପୁର ବ୍ଲକରେ ୧୬୨.୨୦ ମି.ମି, ସେମିଳିଗୁଡା ବ୍ଲକରେ ୩୧୩.୨୦ ମି,ମି. ଜୟପୁର ବ୍ଲକରେ ୧୪୪.୬୦ ମି.ମି, କୋଟପାଡ ବ୍ଲକରେ ୪୨୪ ମି.ମି, କୁନ୍ଦୁରା ବ୍ଲକରେ ୧୫୫.୮୦ ମି.ମି, ବୋରିଗୁମ୍ମା ବ୍ଲକରେ ୧୦୧.୨୦ ମି.ମି, ବୈପାରିଗୁଡା ବ୍ଲକରେ ୨୧୬ ମି.ମି, ବର୍ଷା ହୋଇଛି । ଜିଲାର କୋଟପାଡ ବ୍ଲକରେ ସର୍ବାଧିକ ବର୍ଷା ହୋଇଥିବା ବେଳେ କୋରାପୁଟ ବ୍ଲକରେ ସର୍ବନିମ୍ନ ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ବର୍ଷା ନ ଥିବାରୁ ଚାଷଜମି ଆଁ କରି ରହିଛି । ଯେଉଁ କେତେକ ଜମିରେ ତଳି ବୁଣା ହୋଇଥିଲା ତାହା ଏବେ ଗଜା ମରୁଡି ଆଶଙ୍କା ଦେଖାଦେଲାଣି। ଜିଲାରେ ଚାଷ କାମ ଏକ ପ୍ରକାର ଠପ୍ ହୋଇଯାଇଛି । ଖରିଫ ଋତୁରେ ଜିଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଧାନ ଚାଷ ବ୍ୟତୀତ ତୈଳବୀଜ ଓ ଡାଲିଜାତୀୟ ଫସଲ ଓ ମିଲଟ ମିଶନକୁ ଆଗରେ ରଖିଛି। ପରିସ୍ଥିତିକୁ ଦେଖି ସରକାର ଚାଷୀଙ୍କ ଋଣ ଛାଡ କରିବାକୁ ବିଧାୟକ ତାରାପ୍ରସାଦ ବାହିନୀପତି ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ଜିଲାର ୧୪ଟି ବ୍ଲକର ୨୨୬ ପଞ୍ଚାୟତ ଓ ୨୦୨୮ ଗ୍ରାମରେ ଚାଷ କାର୍ଯ୍ୟ ଚାଲିଛି। ୨ ଲକ୍ଷ ୯୬ ହଜାର ହେକ୍ଟର ଜମିରେ ଚାଷ କରାଯାଉଛି ।


ବର୍ଷା ଅଭାବରୁ ଶୁଖିଲା ପଡିଥିବା ଚାଷ ଜମି ।

## ସଂକ୍ଷେପରେ

### କୋରାପୁଟ:୧୫ ପଜିଟିଭ

କୋରାପୁଟ,୨୨।୭(ସ୍ୱ.ପ୍ର.)-କୋରାପୁଟ ଜିଲାରେ ବୁଧବାର ୨ ଜଣ ବିଏସ୍ଏଫ୍ ଯବାନଙ୍କ ସମେତ ୧୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୪ ମହିଳା ଓ ୧୧ ଜଣ ପୁରୁଷ ଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଚିହ୍ନଟଙ୍କ ମଧ୍ୟରୁ ୮ ଜଣ ସଙ୍ଗରୋଧ କେନ୍ଦ୍ରରୁ, ୪ ଜଣ ଘରୋଇ କ୍ୱାରାଣ୍ଟାଇନରୁ ଏବଂ ୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ କୋରାପୁଟ ମ୍ୟୁନିସିପାଲିଟିରୁ ୪ ଜଣ, ସୁନାବେଡ଼ା ମ୍ୟୁନିସିପାଲିଟିରୁ ଜଣେ, କୋରାପୁଟ ବ୍ଲକରୁ ୨ ଜଣ, ଲକ୍ଷ୍ମୀପୁର ବ୍ଲକର ଆଇଟିଆଇ ଟିଏମ୍‌ସିରୁ ୫ ଜଣ, ବୋରିଗୁମ୍ମା ବ୍ଲକରୁ ୨ ଜଣ,ବୋରିଗୁମ୍ମା ବ୍ଲକର ଗୁମୁଡା ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି। ଚିହ୍ନଟଙ୍କ ମଧ୍ୟରେ ୫ ଜଣ ଗଞ୍ଜାମ ଫେରନ୍ତା, ଜଣେ ତେଲଙ୍ଗାନାରୁ , ଜଣେ ପଶ୍ଚିମବଙ୍ଗରୁ, ଜଣେ ରାଜସ୍ଥାନରୁ, ଜଣେ ମୁମ୍ବାଇରୁ, ଜଣେ ଆସାମରୁ ଜଣେ ବିହାରରୁ ଓ ଜଣେ ଭୁବେନେଶ୍ୱର ଫେରନ୍ତା ଥିବା ଜଣାପଡିଛି। ୩ ଜଣ ସ୍ଥାନୀୟ ପଜିଟିଭଙ୍କ ସଂସ୍ପର୍ଶରେ ଆସି ଆକ୍ରାନ୍ତ ହୋଇଛନ୍ତି । ସମସ୍ତ ପଜିଟିଭଙ୍କୁ ଜୟପୁରସ୍ଥିତ କୋଭିଡ୍ ଚିକିତ୍ସାଳୟକୁ ପଠାଯାଇଛି । ବର୍ତ୍ତମାନ କରୋନା ନେଇ କୋରାପୁଟ ମ୍ୟୁନିସିପାଲିଟି ଅଞ୍ଚଳର ପ୍ରତି ଘର ସର୍ଭେ କରାଯାଉଛି। ଆଗାମୀ ଦିନରେ ଜିଲାର ଜୟପୁର ମ୍ୟୁନିସିପାଲିଟି, ସୁନାବେଡ଼ା ମ୍ୟୁନିସିପାଲିଟି ଓ କୋଟପାଡ ଏନ୍ଏସି ଅଞ୍ଚଳରେ ଏହି ସର୍ଭେ ହେବ ବୋଲି ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି।

### ୨ଘଣ୍ଟାରେ ମିଳିଲା ଜମିପଟ୍ଟା

ଜୟପୁର,୨୨।୭(ଡି.ଏନ.ଏ .)- କୋରାପୁଟ ଜିଲା ଜୟପୁର ତହସିଲ ପକ୍ଷରୁ ବୁଧବାର ଏକ ଚାଷ ଜମିର ବିକ୍ରି ନେଇ ରେଜିଷ୍ଟ୍ରେଶନ ହେବାର ୨ ଘଣ୍ଟା ମଧ୍ୟରେ କ୍ରେତାଙ୍କ ନାମରେ ଜମିପଟ୍ଟା ପ୍ରଦାନ କରାଯାଇଛି । ଜୟପୁର ତହସିଲ ଫାମ୍ପୁଣି ମୌଜାର ବିକ୍ରେତା ମାନସ ରଞ୍ଜନ ମହାପାତ୍ର ତାଙ୍କର ୧ଏକର ୫୦ ଡେସିମିଲ ଚାଷ ଜମିକୁ କ୍ରେତା ହେମନ୍ତ ସାହୁ ଏବଂ ଦୁର୍ଯ୍ୟୋଧନ ସାହୁଙ୍କୁ ବିକ୍ରି କରିଥିଲେ । ପୂର୍ବାହ୍ନରେ ଜିଲା ରେଜିଷ୍ଟ୍ରେଶନ କାର୍ଯ୍ୟାଳୟରେ କିଣା ବିକା ପରେ କ୍ରେତା ତାଙ୍କ ନାମରେ ପଟ୍ଟା ପ୍ରଦାନ କରିବା ଲାଗି ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ । ମାତ୍ର ୨ ଘଣ୍ଟା ମଧ୍ୟରେ ପଟ୍ଟା ପ୍ରସ୍ତୁତ କରାଯାଇ ଉଭୟ କ୍ରେତାଙ୍କୁ ତାଙ୍କ ନାମରେ ପଟ୍ଟା ପ୍ରଦାନ କରାଯାଇଛି । ଆଗାମୀ ଦିନରେ ଏପରି ବ୍ୟବସ୍ଥା ଜାରି ରହିବ ବୋଲି ତହସିଲଦାର ଅଶ୍ୱିନ ମହାପାତ୍ର କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ନିଳାମ୍ବର ପୂଜାରୀ, ସ୍ୱତନ୍ତ୍ର ଜିଲା ରେଜିଷ୍ଟ୍ରାର ସୁଜିତ ମିଶ୍ର, ଫାମ୍ପୁଣି ମୌଜାର ଆର୍ଆଇ ଅଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଛେଳି ସମ୍ପଦର ଟିକାକରଣ

ଗୁଣପୁର,୨୨।୭(ଡି.ଏନ୍.ଏ.): ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ କବଡ଼ବାଲିଠାରେ ବାପୁଜୀ ଜଳ ବିଭାଜିକା ଗ୍ରାମ୍ୟ ଉନ୍ନୟନ ସମିତି ଆନୁକୂଲ୍ୟରେ ଛେଳି ସମ୍ପଦର ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବର୍ଷାଦିନରେ ବିଭିନ୍ନ ରୋଗରୁ ରକ୍ଷା ପାଇଁ ରାଜ୍ୟ ଜନଜାତି ସଶକ୍ତୀକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକମ(ଓଟିଇଏଲ୍‌ପି), ଗୁଣପୁର ଆଇଟିଡିଏ ପକ୍ଷରୁ ଛେଳିମାନଙ୍କର ଟିକାକରଣ କରାଯାଇଛି। ପ୍ରାଣୀଧନ ନିରୀକ୍ଷକ ହେମନ୍ତ ଗଗେରଙ୍ଗାଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଟିଇଏଲ୍‌ପି ପ୍ଲସ୍ ଗୁଣପୁରର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ ମହାପାତ୍ର, ଜୀବିକା ସାମାଜିକ କାର୍ଯ୍ୟକର୍ତ୍ତା ଅକ୍ଷୟ ରଥ, ଭୂମି ଏବଂ ଜଳ ପରିଚାଳନା କାର୍ଯ୍ୟକର୍ତ୍ତା ଆଶିଷ ମିଶ୍ର, ସମିତିର ସଭାପତି ଡଟିଲା ଗଗେରଙ୍ଗା, ସମ୍ପାଦକ ସୁରେଶ ଚନ୍ଦ୍ର ଗଗେରଙ୍ଗା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରାୟଗଡ଼ା ଜିଲା ସପ୍ତାହେ ଶଟ୍‌ଡାଉନ

**ରାୟଗଡ଼ା ଅଫିସ,୨୨।୭:**

ରାୟଗଡ଼ା ଜିଲାରେ ନିୟମିତଭାବେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ପ୍ରଶାସନର ଚିନ୍ତା ବଢ଼ାଇଛି। ବୁଧବାର ଜିଲାର ବିଭିନ୍ନ ଅଞ୍ଚଳରୁ ରେକର୍ଡ ୯୬ ପଜିଟିଭ ଚିହ୍ନଟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହା ଜଣାପଡ଼ିବା ପରେ ପ୍ରଶାସନ ଅଧିକ ସତର୍କ ହୋଇଛି। ସଂକ୍ରମଣକୁ ରୋକିବା ପାଇଁ ଜିଲାପାଳ ପ୍ରମୋଦ କୁମାର ବେହେରା ୨୩ରୁ ୨୯ ପର୍ଯ୍ୟନ୍ତ ୭ଦିନ ପାଇଁ ଜିଲାକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ସମୟରେ ସଂକ୍ରମିତମାନଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯିବ। ତେଣୁ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଥିବା ଲୋକେ ସମସ୍ତ ନିୟମ ପାଳନ କରିବାକୁ ସେ ଅନୁରୋଧ କରିଛନ୍ତି। କେବଳ ଅତ୍ୟାବଶ୍ୟକ ସେବା ଏବଂ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ତେଜରାତି ସାମଗ୍ରୀ, କ୍ଷୀର ଏବଂ ପରିବା ମିଳିବ। କିନ୍ତୁ ଶନିବାର ଏବଂ ରବିବାର ପୂର୍ବଭଳି ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ସୂଚନା ଦିଆଯାଇଛି।

# ଅଧିକାରୀ ଭୁଲିଯାଉଛନ୍ତି ନିୟମ

**ବିଷମକଟକ,୨୨।୭:**

ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ସରକାର ଏବଂ ପ୍ରଶାସନ ପକ୍ଷରୁ ଅନେକ କଟକଣା ଜାରି କରାଯାଉଛି। ସଭା ସମିତି, ବୈଠକ ଏବଂ ସାମାଜିକ କାର୍ଯ୍ୟକ୍ରମରେ ଏକତ୍ରିତ ନ ହେବା ପାଇଁ କୁହାଯାଇଛି। ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଦ୍ଦେଶ ରହିଛି। ହେଲେ କେତେଜଣ ଅଧିକାରୀ ନିୟମକୁ ଭୁଲିଯାଇଥିବା ନଜରକୁ ଆସିଛି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ରେ ଦେଖିବାକୁ ମିଳିଛି ଏଭଳି ଘଟଣା।

ଜୀବିକା ମିଶନ ବିପିଏମ୍‌ଙ୍କ ତତ୍ତ୍ୱାବଧାନରେ ବୁଧବାର ଚାଈଡାଗୁଡ଼ା ଜୀବିକା ମିଶନ କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ୍‌ର ସମସ୍ତ ଏମ୍‌ବିକେ ଏବଂ ବ୍ୟାଙ୍କ ମିତ୍ରମାନଙ୍କୁ ନେଇ ଅନୁଷ୍ଠିତ ବୈଠକର ସରକାରଙ୍କ ଦ୍ୱାରା ଜାରି କରୋନା କଟକଣାକୁ ଉଲ୍ଲଂଘନ କରାଯାଇଥିବା ଦୃଷ୍ଟିକୁ ଆସିଥିଲା। ୩୦ରୁ ଊର୍ଦ୍ଧ୍ୱ ମହିଳା ବୈଠକରେ ଉପସ୍ଥିତ ଥିବାବେଳେ ଜୀବିକା ମିଶନରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ। ସମସ୍ତଙ୍କ ପାଇଁ ଏଠାରେ ରନ୍ଧାଖାଦ୍ୟର ବ୍ୟବସ୍ଥା ହୋଇଥିଲା। ବୈଠକ ପରେ ସମସ୍ତେ ଏକାଠି ଭୋଜନ କରିଥିଲେ। ଏ ବିଷୟରେ ଜୀବିକା ମିଶନର ବିପିଏମ୍ କହିଛନ୍ତି, ଦୀର୍ଘଦିନ ହେଲା ବୈଠକ ହୋଇପାରୁ ନ ଥିଲା। ତେଣୁ ବୁଧବାର ବୈଠକର ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକର ଆୟୋଜନ ନେଇ ଚାଲିଥିବା ନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ତାଙ୍କ ନିକଟରେ ଏ ନେଇ କୌଣସି ଖବର ନାହିଁ ଏବଂ ବୈଠକ ପାଇଁ ଅନୁମତି ଦିଆଯାଇ ନ ଥିବା ସେ କହିଛନ୍ତି। ଉକ୍ତ ବୈଠକକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ରାୟଗଡ଼ା: ଦିନକରେ ରେକର୍ଡ ୯୬ ପଜିଟିଭ

**ରାୟଗଡ଼ା ଅଫିସ/ଗୁଡ଼ାରି,୨୨।୭:**

ରାୟଗଡ଼ା ଜିଲାରେ କରୋନା ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ୨୪ ଘଣ୍ଟା ମଧ୍ୟରେ ରେକର୍ଡ ୯୬ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବୁଧବାର ଜିଲାପାଳ ପ୍ରମୋଦ କୁମାର ବେହେରା ସୂଚନା ଦେଇଛନ୍ତି। ଏଥିରେ ୫୧ଜଣ ପୁରୁଷ ଏବଂ ୪୫ମହିଳା ରହିଛନ୍ତି। ୯୬ଜଣଙ୍କ ମଧ୍ୟରୁ ୯୨ ହୋମ୍ କ୍ୱାରାଣ୍ଟାଇନ୍ ଏବଂ ୪ଜଣ ଟିଏମ୍‌ସିରୁ ଚିହ୍ନଟ ହୋଇଛନ୍ତି। ୬ଜଣ ଗଞ୍ଜାମ, ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନା ଫେରନ୍ତା ବୋଲି ଜଣାପଡ଼ିଛି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୩୮ ଛୁଇଁଛି। ନୂତନ ସଂକ୍ରମିତଙ୍କ ମଧ୍ୟରେ ରାୟଗଡ଼ା ସହରରୁ ୩୫ଜଣ, ଗୁଣପୁରରୁ ୪୩, ଗୁଡାରି ବ୍ଲକ୍‌ରୁ ୯, ରାୟଗଡ଼ା ଗ୍ରାମାଞ୍ଚଳରୁ ୪, ରାମନାଗୁଡ଼ା ବ୍ଲକ୍‌ରୁ ୨, ବିଷମକଟକ ବ୍ଲକ୍‌ରୁ ୨ ଏବଂ ମୁନିଗୁଡ଼ାରୁ ଜଣେ ଚିହ୍ନଟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ରାୟଗଡ଼ା ଜିଲାରୁ ୧୬ତାରିଖରେ ୫୧୨ନମୁନା ପରୀକ୍ଷା ପାଇଁ ଭୁବନେଶ୍ୱର ଯାଇଥିଲା। ସେଥିମଧ୍ୟରୁ ୪୫୦ ରିପୋର୍ଟ ପହଞ୍ଚିଛି। ଏଥିରୁ ୩୬୪ ରିପୋର୍ଟ ନେଗେଟିଭ ରହିଥିବାବେଳେ ୮୬ ରିପୋର୍ଟ ପଜିଟିଭ ରହିଥିବା ଜଣାପଡ଼ିଛି। ସେହିପରି ଅନ୍ୟ ୧୦ଜଣଙ୍କ ସ୍ୱାବ୍ ଜିଲା ମୁଖ୍ୟ ଚିକିତ୍ସାଳୟରେ ପରୀକ୍ଷା କରାଯାଇଥିଲା। ରିପୋର୍ଟ ପଜିଟିଭ ଆସିଛି।

## ଗୁଣପୁରରୁ ୪୩ ପଜିଟିଭ

**କେବଳ ରେଙ୍ଗଲପଦର ଗାଁରୁ ୩୪**

ଗୁଣପୁର,୨୨।୭(ଡି.ଏନ୍.ଏ.) ରାୟଗଡ଼ା ଜିଲା ଗୁଣପୁରରେ କରୋନା ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ବ୍ଲକ୍‌ର ଶିରିଝୋଲି ପଞ୍ଚାୟତର ବିଜୟପୁରରୁ ପ୍ରଥମେ ସଂକ୍ରମଣ ଆରମ୍ଭ ହୋଇଥିବାବେଳେ ଏହା ଏବେ ବିଭିନ୍ନ ଗ୍ରାମ ଏବଂ ଗୁଣପୁର ସହରରେ ମାଡ଼ିବାରେ ଲାଗିଛି। ଶିରିଝୋଲି ପଞ୍ଚାୟତର ରେଙ୍ଗଲପଦର ଗାଁରୁ ଦିନକରେ ୩୪ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ଗୁଣପୁର ସହରରୁ ୯ସଂକ୍ରମିତ ଚିହ୍ନଟ ହୋଇଥିବା ବୁଧବାର ଜିଲାପାଳ ପ୍ରମୋଦ କୁମାର ବେହେରା ସୂଚନା ଦେଇଛନ୍ତି। ସହରର ନୀଳାଦ୍ରି ବିହାର ଅଞ୍ଚଳରୁ ଗୋଟିଏ ପରିବାରର ୪ଜଣ ପଜିଟିଭ ବାହାରିଥିବାବେଳେ ଅନ୍ୟ ଅଞ୍ଚଳରୁ ଆଉ ୫ଜଣଙ୍କୁ ଚିହ୍ନଟ କରାଯାଇଥିବା ଜଣାପଡ଼ିଛି। ସଂକ୍ରମିତ ଚିହ୍ନଟ ହୋଇଥିବା ସମସ୍ତ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ସହରରେ ଗତ ୪୮ ଘଣ୍ଟା ମଧ୍ୟରେ ବିଭିନ୍ନ କାରଣରୁ ୬ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି।

# ପଦ୍ମପୁର ମେଡିକାଲର ୪କର୍ମଚାରୀ ସଂକ୍ରମିତ

**ପଦ୍ମପୁର,୨୨।୭(ଡି.ଏନ୍.ଏ.):**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍‌ରେ କରୋନା ପଜିଟିଭ ସଂଖ୍ୟା ବୃଦ୍ଧି ପାଉଛି। ମଙ୍ଗଳବାର ବ୍ଲକ୍‌ରୁ ୨୨ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ପଦ୍ମପୁର ଡାକ୍ତରଖାନାର ୪ଜଣ କର୍ମଚାରୀ ରହିଥିଲେ। ଏହାପରେ ମେଡିକାଲ କର୍ମଚାରୀମାନଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ବୁଧବାର ଆଉ ୪ କର୍ମଚାରୀ ପଜିଟିଭ ବାହାରିଥିବା ଜଣାପଡ଼ିଛି। ନୂତନ ୪ ସଂକ୍ରମିତଙ୍କ ମଧ୍ୟରେ ଷ୍ଟାଫ୍‌ନର୍ସ, ଲାବ୍ ଟେକ୍ନିସିଆନ, ଆଟେଣ୍ଡାଣ୍ଟ ଏବଂ ସୁଇପର ରହିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୪କର୍ମଚାରୀ ପଜିଟିଭ ବାହାରିବା ପରେ ମଙ୍ଗଳବାର ପଦ୍ମପୁର ମେଡିକାଲକୁ ୩ଦିନ ପାଇଁ ବନ୍ଦ ଘୋଷଣା କରାଯାଇଛି।

# ସୁସ୍ଥ ହେଲେ ୧୮

**କୋରାପୁଟ,୨୨।୭(ସ୍ୱ.ପ୍ର)**

କୋରାପୁଟ ଜିଲାରେ ବୁଧବାର ୧୮ ଜଣ କୋରାନା ରୋଗୀ ସୁସ୍ଥ ହୋଇଥିବା ଜଣାପଡିଛି। ଏହାକୁ ମିଶାଇ ଜିଲାରେ ସୁସ୍ଥଙ୍କ ସଂଖ୍ୟା ୧୮୪କୁ ବୃଦ୍ଧି ପାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ଚାଷୀଙ୍କ ସହ ଜମିରେ ଧାନ ରୋଇଲେ କୃଷି ଅଧିକାରୀ


କୃଷି ଅଧିକାରୀ ଜମିରେ ଧାନ ରୋଉଛନ୍ତି।

**କୁନ୍ଦୁରା,୨୨।୭(ଡି.ଏନ.ଏ.)-**

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ବୁଧବାର ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି। ଏହି ବ୍ଲକ ସୀମାନ୍ତ ରାଣୀଗୁଡା ଗ୍ରାମ ଦାୟିତ୍ୱରେ ଥିବା ମହିଳା କୃଷି ଅଧିକାରୀ ଶଶୀକଳା ସିଂ ଏକ ଚାଷଜମିରେ ନିଜେ ଧାଡିରୁଆ ପଦ୍ଧତିରେ ଚାଷ କରିବା ଲାଗି ଚାଷୀଙ୍କୁ ପ୍ରବର୍ତ୍ତାଇ ନିଜେ ଜମିରେ ଧାନ ରୋଇଥିଲେ। ସର୍ଗିଗୁଡା ଗ୍ରାମର ଦେବେନ୍ଦ୍ର ବାଘଙ୍କ ଜମିରେ ସେ ଧାନ ରୋଇ ଅନ୍ୟ ଅଧିକାରୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିବା ଜଣାପଡିଛି। ଏହି ଅବସରରେ ସେ ଚାଷୀଙ୍କୁ ଧାଡିରୁଆ ପଦ୍ଧତି ଚାଷୀଙ୍କୁ ଶିଖାଇଥିଲେ।

# ଭିଜିଲାନ୍ସ ବନ ବିଭାଗ ପକ୍ଷରୁ ଚଢ଼ାଉ

**ଜୟପୁର,୨୨।୭(ଡି.ଏନ.ଏ )–**

କୋରାପୁଟ ଜିଲା ଜୟପୁର ଭିଜିଲାନ୍ସର ବନବିଭାଗ ପକ୍ଷରୁ ବୈପାରୀଗୁଡା ରେଞ୍ଜ ଦଶମନ୍ତପୁର ଫରେଷ୍ଟ ସେକ୍ସନରେ ବୁଧବାରରେ ଚଢାଉ କରାଯାଇଥିଲା। ଏହି ସମୟରେ ଏକ ବାଇକ ଯୋଗେ ବେଆଇନ୍ ଭାବେ ଚାଲାଣ ହେଉଥିବା ୬ ଶାଳ ଏବଂ ୭ ମୁଣ୍ଡି କାଠପଟା କାଠ ଜବତ କରାଯାଇଛି। ଚଢାଉ ବେଳେ ୨ଜଣ ଚାଲାଣକାରୀ ଜଙ୍ଗଲ ରାସ୍ତା ଦେଇ ଫେରାର ହୋଇଯାଇଛନ୍ତି। ଭିଜିଲାନ୍ସ ଏସ.ପି ଶଶି ଶେଖର ମହାପାତ୍ରଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢାଉରେ ଭିଜିଲାନ୍ସର ଏସିଏଫ ପ୍ରଫୁଲ ମଣ୍ଡଳ, ଫରେଷ୍ଟର ଗଗନ ବିହାରୀ ପଣ୍ଡାଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

# ଲକ୍ଷ୍ମୀକାନ୍ତ, କିଶୋର ସାହିତ୍ୟ ଏକାଡେମୀ ସଦସ୍ୟ ମନୋନୀତ

**ଜୟପୁର/ମାଲକାନଗିରି,୨୨।୭(ଡି.ଏନ.ଏ.)**

ରାଜ୍ୟ ସାହିତ୍ୟ ଏକାଡେମୀକୁ ସଦସ୍ୟ ଭାବେ କୋରାପୁଟ ଜିଲାରୁ ସାହିତ୍ୟିକ ଲକ୍ଷ୍ମୀକାନ୍ତ ପାଢ଼ୀ ମନୋନୀତ ହୋଇଛନ୍ତି । ଜୟପୁର ସାହିତ୍ୟ ପରିଷଦ ସଭାପତି ଥିବା ଲକ୍ଷ୍ମୀକାନ୍ତଙ୍କୁ ପରିଷଦର ସମ୍ପାଦକ ଯଜ୍ଞେଶ୍ୱର ପଣ୍ଡା,ତେଜେଶ୍ୱର ପଣ୍ଡା, ଉପ ସଭାପତି ନବକୃଷ୍ଣ ରଥ, ବିଜୟ ପାତ୍ର, କୋଷାଧ୍ୟକ୍ଷ ଇନ୍ଦ୍ର ପ୍ରଧାନ, ସହସମ୍ପାଦକ ଅଶୋକ ମହାରଣାଙ୍କ ସହ ଅନ୍ୟମାନେ ସମ୍ବର୍ଦ୍ଧିତ କରିଛନ୍ତି। ସେହିପରି ମାଲକାନଗିରି ଜିଲାରୁ ସାହିତ୍ୟ ଏକାଡେମୀ ସଦସ୍ୟ ରୂପେ ସାହିତ୍ୟିକ କିଶୋର ଚନ୍ଦ୍ର ପ୍ରଧାନ ମନୋନୀତ ହୋଇଛନ୍ତି। ପ୍ରଧାନ ଜଣେ ସାହିତ୍ୟିକ, ସଂସ୍କୃତି ପ୍ରେମୀ, ଗବେଷକ, ସମାଜିକ କର୍ମୀ ଓ ସଙ୍ଗଠକ ରୂପେ ଜଣାଶୁଣା। ଦୀର୍ଘ ତିନି ଦଶନ୍ଧି ଧରି ସେ ମାଲକାନଗିରି ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସାହିତ୍ୟ ସେବା ଜାରି ରଖିଛନ୍ତି। ମାତୃଭାଷା ଓ ମାତୃଭୂମିର ଉନ୍ନତିରେ କାର୍ଯ୍ୟ କରିବେ ବୋଲି ପ୍ରଧାନ କହିଛନ୍ତି।

# ଚାକିରି ଦେବା ନାଁରେ ୩ ଯୁବତୀଙ୍କୁ ଠକେଇ

**ଜୟପୁର,୨୨।୭(ଡି.ଏନ.ଏ )**

କୋରାପୁଟ ଜିଲା ଜୟପୁର ସଦର ଥାନାର ହାଡିଆ ଗ୍ରାମର ୩ଜଣ ଯୁବତୀଙ୍କୁ ମେଡିକାଲ ଲଣ୍ଡ୍ରିରେ ଚାକିରି କରାଇଦେବା ନାମରେ ଜିଲା ଚିକିତ୍ସାଳୟର ଜଣେ ମହିଳା ସୁଇପର ଏବଂ ତାଙ୍କ ସ୍ୱାମୀ ସେମାନଙ୍କଠାରୁ ୯୦ ହଜାର ଟଙ୍କା ଠକି ନେଇଛନ୍ତି। ଚାକିରି ନ ପାଇ ହତାଶ ହୋଇ ଏହି ୩ ଯୁବତୀ ଏବେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସଦର ପୋଲିସ ଏଥିରେ ସମ୍ପୃକ୍ତ ମିନତି ଖୋସ୍ଲା ଓ ତାଙ୍କ ସ୍ୱାମୀ କୁନା ଖୋସ୍ଲାଙ୍କୁ ଥାନାକୁ ଡକାଇ ପଚରାଉଚରା କରିଛି। ଉଭୟ ସ୍ତ୍ରୀ ଏବଂ ସ୍ୱାମୀ ଟଙ୍କା ଫେରସ୍ତ କରିବା ପାଇଁ ସହମତି ପ୍ରକାଶ କରି ଛାଡ଼ ପାଇଛନ୍ତି।

ଖବରରୁ ଜଣାପଡିଛି ଠକେଇର ଶିକାର ହୋଇଥିବା ହାଡିଆ ଗ୍ରାମର ୩ ଯୁବତୀ ଗ୍ଲୋରି ଖ୍ରୀଷ୍ଟିଆନ(୨୧), ମିନତି ହରିଜନ (୨୦) ଏବଂ ପ୍ରଭୁଧନି ବିହାରୀ (୨୦) ୨୦୧୯ରେ ଜୟପୁର ଜିଲା ଚିକିତ୍ସାଳୟର ଲଣ୍ଡ୍ରିରେ ସଫେଇ କର୍ମଚାରୀ ଭାବେ ପଦବୀ ଖାଲି ପଡିଥିବା ଏବଂ ଏନେଇ ମାସିକ ୮ ହଜାର ଟଙ୍କା ଦରମା ରହିଥିବା ମିନତିଙ୍କ ଭାଇ ରଘୁ ହରିଜନଙ୍କଠାରୁ ଜାଣିବାକୁ ପାଇଥିଲେ। ଏଥିରେ ମଧ୍ୟସ୍ଥ ଭାବେ ଜିଲା ଚିକିତ୍ସାଳୟର ମହିଳା ସୁଇପର ଉମୁରି ଗ୍ରାମର ମିନତି ଖୋସ୍ଲା ସେମାନଙ୍କ ଚାକିରି କରାଇ ଦେବା ନେଇ ପ୍ରତିଶ୍ରୁତି ଦେଇଥିଲେ । ଏଥିପାଇଁ ଜଣ ପିଛା ୩୦ ହଜାର ଲେଖାଏ ୩ଜଣଙ୍କଠାରୁ ୯୦ ହଜାର ଟଙ୍କା ଦାବି କରିଥିଲେ । ଏହି ଟଙ୍କା ଚିକିତ୍ସାଳୟରେ ମାତ୍ରନ ଭାବେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ଏବଂ ଲଣ୍ଡ୍ରିର ସୁପରଭାଇଜରଙ୍କୁ ପ୍ରଦାନ କରାଯିବ ବୋଲି ୩ ଯୁବତୀଙ୍କୁ ବୁଝାଇଥିଲେ। ଚାକିରି ପାଇବା ଆଶାରେ ତିନି ଯୁବତୀଙ୍କ ପରିବାର ୯୦ ହଜାର ଟଙ୍କା ଗତ ୨୦୧୯ ନଭେମ୍ବର ୨୨ରେ ମିନତି ଏବଂ ତାଙ୍କ ସ୍ୱାମୀ କୁନାଙ୍କୁ ପ୍ରଦାନ କରିଥିଲେ । ପରେ ଏକ ମାସ ପର୍ଯ୍ୟନ୍ତ ଉକ୍ତ ଲଣ୍ଡ୍ରିରେ ୩ ଯୁବତୀ କାର୍ଯ୍ୟରତ ଥିଲେ। ମାତ୍ର ମାସ ଶେଷ ହେବା ପରେ ଦରମା ନ ମିଳିବାରୁ ସେମାନେ ଉକ୍ତ ଦାୟିତ୍ୱରେ ଥିବା ସୁପରଭାଇଜର ସଞ୍ଜୟ ଖରାଙ୍କୁ ପଚାରିଥିଲେ । ସେମାନଙ୍କୁ ନବରଙ୍ଗପୁର ଏବଂ ମାଲକାନଗିରି ଜିଲା ଚିକିତ୍ସାଳୟ ଲଣ୍ଡ୍ରିରେ ନିୟୋଜିତ କରାଯିବ। ସେମାନେ ଏବେ ନିଜ ଘରେ ଥାଆନ୍ତୁ। ଫୋନ କରି ଜଣାଇଲେ ଆସିବେ ବୋଲି ସଞ୍ଜୟ ଉତ୍ତର ଦେଇଥିଲେ। ମାତ୍ର ୪ ମାସ ପର୍ଯ୍ୟନ୍ତ କୌଣସି ନିଯୁକ୍ତି ନ ପାଇବାରୁ ସମ୍ପୃକ୍ତ ସୁପରଭାଇଜରଙ୍କୁ ଫୋନ କରି ସେମାନେ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଶେଷରେ ୩ ଯୁବତୀ ଏବଂ ପରିବାର ଲୋକେ ମିନତି ଏବଂ ତାଙ୍କ ସ୍ୱାମୀ କୁନାଙ୍କ ନିକଟକୁ ଯାଇ ସେମାନଙ୍କ ନେଇଥିବା ୯୦ ହଜାର ଟଙ୍କା ଫେରାବାକୁ ଦାବି କରିଥିଲେ। ମାତ୍ର ମିନତି ଏହି ୩ଜଣ ଯୁବତୀ ଓ ତାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରିଥିଲେ। ଶେଷରେ କୌଣସି ଉପାୟ ନ ପାଇ ୩ ଯୁବତୀ ଥାନାର ଦ୍ୱାରସ୍ଥ ହୋଇଥିଲେ।

**ଟଙ୍କା ଫେରାଇବାକୁ ରାଜିହେବାରୁ ସମାଧାନ**


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଜାତୀୟ ପୁରସ୍କାର ବିଜେତା
Sri Ram Finance
ସରକାରୀ ଯୋଜନା ଅନ୍ତର୍ଗତ ସୁବର୍ଣ୍ଣ ସୁଯୋଗ ସମସ୍ତ ପ୍ରକାର ଲୋନ -
ମାର୍କସିଟ, ଆଧାରକାର୍ଡ୍, ପର୍ସନାଲ, ସମ୍ପତି, ସମ୍ପତି, ବ୍ୟବସାୟ, ମୁଦ୍ରା BPL ଋଣ ଇତ୍ୟାଦି ଘରେ ବସି ପାଆନ୍ତୁ।
ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଓ ସରଳ କିସ୍ତିରେ
2% ସୁଧ ଏବଂ 50% ଛାଡ
ଥରେ ସେବା ର ଅବସର ଅବଶ୍ୟ ଦିଅନ୍ତୁ
DELHI CHANDNI CHOWK
8295835122

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ | ଭଡ଼ା- 65,000 | ବାଇକ୍ | ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ – My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ | ଭଡ଼ା: 45 ହଜାର | + ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସପ୍ତାହେ ବ୍ୟାଙ୍କ ବନ୍ଦ, ଗ୍ରାହକ ହନ୍ତସନ୍ତ

ଦାରିଙ୍ଗବାଡି,(ଡି.ଏନ୍.ଏ.)- କନ୍ଧମାଳ ଜିଲାରେ ଏକାଧିକ ବ୍ୟାଙ୍କର ଶାଖା ପରିଚାଳକ ସମେତ ଅନ୍ୟ କର୍ମଚାରୀ କରୋନା ସଂକ୍ରମିତ ହୋଇଛନ୍ତି। ଫଳରେ ଜିଲା ପ୍ରଶାସନ ସମସ୍ତ ବ୍ୟାଙ୍କକୁ ବୁଧବାର ଠାରୁ ୭ ଦିନିଆ ବନ୍ଦ ଘୋଷଣା କରିଛି। ଏନେଇ ନୋଟିସ ଲଗାଯାଇ ନ ଥିବାବେଳେ ସକାଳୁ ଗ୍ରାହକମାନେ ବ୍ୟାଙ୍କ ଆଗରେ ଭିଡ ଜମାଇଥିଲେ। ପରେ ବନ୍ଦ ହୋଇଥିବା ଜାଣି ନିରାଶରେ ଫେରିଛନ୍ତି। ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ସିମନବାଡି ସମେତ ବ୍ରାହ୍ମଣୀଗାଁ, ଗଦାପୁର, ବୁଡାଗୁଡା ଆଦି ଅଞ୍ଚଳରେ ରହିଥିବା ସମସ୍ତ ବ୍ୟାଙ୍କ ବନ୍ଦ ଯୋଗୁ ଗ୍ରାହକ ଅପେକ୍ଷା କରି ଫେରିଥିଲେ।

## ସଂକ୍ଷେପରେ

### ପ୍ରବାସୀ ଶ୍ରମିକଙ୍କ ପାଇଁ ୬୧ ପ୍ରକଳ୍ପ ମଞ୍ଜୁର

ମାଲାକନଗିରି,୨୨।୭(ଡି.ଏନ୍.ଏ.)- ଲକ୍‌ଡାଉନ ଯୋଗୁ ମାଲକାନଗିରି ଜିଲାକୁ ଫେରିଥିବା ପ୍ରବାସୀ ଶ୍ରମିକଙ୍କୁ କର୍ମନିଯୁକ୍ତି ଯୋଗାଇଦେବାକୁ ମାଲକାନଗିରି ପୌର ପରିଷଦ ଓ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟକାରୀ ହେଉଥିବା ୬୧ଟି ପ୍ରକଳ୍ପକୁ ଜିଲା ପ୍ରଶାସନ ମଞ୍ଜୁର କରିଛନ୍ତି। ଏହି ପ୍ରକଳ୍ପଗୁଡିକ ମଧ୍ୟରେ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ, ବର୍ଷା ଜଳ ସଂରକ୍ଷଣ ପାଇଁ ବିଭିନ୍ନ ସ୍ଥାନରେ ଛୋଟ ଛୋଟ ପୋଖରୀ ଓ ସିମେଣ୍ଟ ଟାଙ୍କି ନିର୍ମାଣ, ସର୍ବସାଧାରଣ ଓ ସରକାରୀ ଜାଗାରେ ସବୁଜ ବଳୟ, ଅଦରକାରୀ ଜଳକୁ ଚେକ୍ ଡ୍ୟାମ୍ ମାଧ୍ୟମରେ ସଂରକ୍ଷଣ, ପର୍ଯ୍ୟଟକଙ୍କୁ ଆକୃଷ୍ଟ ଲାଗି ବିଭିନ୍ନ କାର୍ଯ୍ୟାଳୟ ଓ ଅନୁଷ୍ଠାନ କାନ୍ଥରେ ଚିତ୍ରାଙ୍କନ, ଭୂତଳ ଜଳ ସଂରକ୍ଷଣ, କାଠଶିଳ୍ପୀ ସୌଖୀନ ସାମଗ୍ରୀ ପ୍ରସ୍ତୁତ କରିବା, ପୁଷ୍ଟି ବଗିଚା ସୃଷ୍ଟିକରି ସବୁଜ ପନିପରିବା ଚାଷ କରିବା ଆଦି କାର୍ଯ୍ୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କରାଯାଉଛି। ପୂର୍ବରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟକରି ମାସ ମାସ ଧରି ସେମାନେ ମଜୁରି ନ ପାଇ ଜିଲା ଓ ରାଜ୍ୟ ବାହାରକୁ ଚାଲିଯାଉଥିଲେ। ଏବେ ସେ ସମସ୍ୟା ଆଉ ନାହିଁ। ବର୍ତ୍ତମାନ ପ୍ରତି ସପ୍ତାହରେ ସେମାନଙ୍କୁ ପାରିଶ୍ରମିକ ପ୍ରଦାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୪ ହଜାର ଶ୍ରମିକଙ୍କୁ ମଜୁରି ବାବଦରେ ୧୨.୦୪ଲକ୍ଷ ଟଙ୍କା ପ୍ରଦାନ କରାଯାଇସାରିଲାଣି। ଆଗାମୀ ଦିନରେ ଯେପରି କୌଣସି ଶ୍ରମିକ ଜିଲା ବାହାରକୁ କାର୍ଯ୍ୟ କରିବାକୁ ନ ଯାଆନ୍ତି ସେଥିପାଇଁ ଜିଲାପାଳ ମନୀଷ ଅଗ୍ରୱାଲ ଗୁରୁତ୍ୱ ଦେଇ ଏହି ପ୍ରକଳ୍ପଗୁଡିକୁ ମଞ୍ଜୁର କରିଛନ୍ତି। ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁଙ୍କ ତତ୍ତ୍ୱାବଧାନରେ ସବୁ କାର୍ଯ୍ୟ ଜାରି ରହିଛି।

### ସତ୍ୟବ୍ରତଙ୍କୁ ସମ୍ବର୍ଦ୍ଧନା

କୁଡୁମୁଲୁଗୁମ୍ମା,୨୨।୭(ଡି.ଏନ୍.ଏ.)-ଓଡ଼ିଶାକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ ଦାବିରେ ପଦଯାତ୍ରା କରୁଥିବା ସତ୍ୟବ୍ରତ ଦାସଙ୍କୁ କୁଡୁମୁଲୁଗୁମ୍ମାରେ ସମ୍ବର୍ଦ୍ଧିତ କରାଯାଇଛି। ତହସିଲଦାର ବିଜୟ ମାଣ୍ଡାଙ୍ଗୀଙ୍କ ଉପସ୍ଥିତିରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମୟରେ ଦିବାକର ସୁନା, ଶିକ୍ଷାବିତ୍ ରମେଶ ଚନ୍ଦ୍ର ନେଲୁର, ଜ୍ୟୋତି ରଞ୍ଜନ ବେହେରା, ବିଦ୍ୟାଧର ସାହାଣୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ୨୭ ପର୍ଯ୍ୟନ୍ତ କୋର୍ଟ ବନ୍ଦ

ମାଲକାନଗିରି,୨୨।୭(ସ୍ୱ.ପ୍ର.)- ମାଲକାନଗିରି ପୌର ପରିଷଦକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିବାରୁ ଜିଲା ଜଜ୍ ରୋହିତଲାଲ ପଣ୍ଡା ଆସନ୍ତା ୨୭ ପର୍ଯ୍ୟନ୍ତ ପୌରାଞ୍ଚଳରେ ଥିବା ସମସ୍ତ କୋର୍ଟକୁ ବନ୍ଦ ରଖିଛନ୍ତି। ପୂର୍ବରୁ ୧୭ରୁ ୨୧ ପର୍ଯ୍ୟନ୍ତ କୋର୍ଟ ବନ୍ଦ ରଖାଯାଇଥିଲା। ମାତ୍ର ୨୨ରେ କଣ୍ଟେନମେଣ୍ଟ ନ ଉଠିବାରୁ ଏହି ଅବଧିକୁ ୨୭ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

### ନୂଆ ରୂପରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପାଠାଗାର

ମାଲକାନଗିରି,୨୨।୭(ସ୍ୱ.ପ୍ର.)- ମାଲକାନଗିରିରେ ଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପାଠାଗାର ଏବେ ନୂଆ ରୂପ ନେଇଛି। ବହୁଦିନ ଧରି ଏହି ପାଠାଗାରରେ ନାନା ସମସ୍ୟା ଲାଗି ରହିଥିଲା। ପୁସ୍ତକଗୁଡ଼ିକୁ ଠିକ୍ ଭାବରେ ସଜାଡି ରଖାଯାଉ ନ ଥିଲା। ପଙ୍ଖା ଠିକ୍ ଭାବରେ ବୁଲୁ ନ ଥିଲା। ବସିବା ପାଇଁ ମଧ୍ୟ ବିଶେଷ ସୁବିଧା ନ ଥିଲା। ଏବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ସାମନ୍ତରାୟ ଏସବୁ ସମସ୍ୟା ଦୂରକରିପାରିଛନ୍ତି। ଲକ୍‌ଡାଉନ ପରେ ପାଠକମାନେ ପାଠାଗାରକୁ ଆସି ସେମାନଙ୍କ ମନପସନ୍ଦ ପୁସ୍ତକ, ପତ୍ରପତ୍ରିକା ଏଠାରେ ପଢ଼ିବାର ସୁଯୋଗ ପାଇପାରିବେ।

### ଭତ୍ତା ବଣ୍ଟନ କରି କୋଭିଡ୍ ନିୟମ ଉଲ୍ଲଂଘନ ନେଇ କଂଗ୍ରେସର ଅଭିଯୋଗ

ବୈପାରୀଗୁଡା,୨୨।୭ (ଡି.ଏନ୍.ଏ.)- ରାଜ୍ୟ ବୟନ ଶିକ୍ଷା ମନ୍ତ୍ରୀ ପଦ୍ମିନି ଦିଆନ୍ ଓ ନବରଙ୍ଗପୁର ଏମପି ରମେଶ ମାଝିଙ୍କ ଦ୍ୱାରା ବୈପାରୀଗୁଡା ବ୍ଲକର ବାଲିଗାଁ, ଚେରକା, ରାମଗିରି, ଦଣ୍ଡାବାଡି, ଗଶ୍ୱେର ଆଦି ପଞ୍ଚାୟତରେ ବୈଠକ କରାଯାଇ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟାଯାଇଛି। ୪୪୨ ଜଣଙ୍କ ଭତ୍ତା ମଞ୍ଜୁର ହୋଇଥିବା ବେଳେ ୭୬ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିମନ୍ୟୁ କବି ଶତପଥୀ ଓ ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମହାପାତ୍ରଙ୍କ ସମେତ ଲୋକ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ କରୋନା ମହାମାରୀ ସମୟରେ ସମସ୍ତ ନିୟମକୁ ଉଲ୍ଲଂଘନ କରି ବୈଠକ କରି ସାମାଜିକ ଦୂରତାକୁ ଅଣଦେଖା କରିବା ଏବଂ ରାଜନୈତିକ ଫାଇଦା ଉଦ୍ଦେଶ୍ୟରେ ଏପରି କାର୍ଯ୍ୟକ୍ରମ କରାଯାଉଥିବା କଂଗ୍ରେସ ନେତା ତଥା କୋରାପୁଟ ଏମ୍‌ପି ପ୍ରତିନିଧି ରମେଶ ଚନ୍ଦ୍ର ପାତ୍ର ଅଭିଯୋଗ କରିଛନ୍ତି।

# ଗାଁରେ ସ୍ୱାବ୍ ସଂଗ୍ରହ, ନଜର ରଖୁଛନ୍ତି ଓଏସ୍‌ଡି

ଛତ୍ରପୁର,୨୨।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଦୈନିକ ୨୦୦ରୁ ୩୦୦ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଦୈନିକ ୩ରୁ ୫ ଜଣଙ୍କ ଜୀବନ ମଧ୍ୟ ଯାଉଛି। ଏହାକୁ ନେଇ ଜିଲାବାସୀ ଭୟଭୀତ ଅବସ୍ଥାରେ ରହିଥିବା ବେଳେ ମହାମାରୀ ମୁକାବିଲା କରିବାକୁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଜିଲାକୁ ବହୁ ପ୍ରଶାସନିକ ଅଧିକାରୀ ଓ ଡାକ୍ତର ଆସିଛନ୍ତି। ଜିଲାର ସବୁ ବ୍ଲକକୁ ମୋବାଇଲ ସ୍ୱାବ ସଂଗ୍ରହ ବୁଥ୍ ପଠାଯାଇଛି। ଆବଶ୍ୟକ ଅନୁସାରେ ଗାଁଗୁଡିକୁ ମୋବାଇଲ୍ ଭ୍ୟାନ ଯାଇ ସ୍ୱାବ ସଂଗ୍ରହ କରୁଛି। ସ୍ୱାବ ପରୀକ୍ଷା ପାଇଁ ଆଉ କାହାକୁ ବାହାରକୁ ଯିବାକୁ ପଡିବନି ବୋଲି ବୁଧବାର ସ୍ୱତନ୍ତ୍ର ଏଡିଏମ୍ ପାରୁଲ ପଟୱାରି ଟୁଇଟ୍ କରି ସୂଚନା ଦେଇଛନ୍ତି। ଯଦି କୌଣସି ବ୍ୟକ୍ତି ନିଜ ଗାଁରେ ସ୍ୱାବ ପରୀକ୍ଷା ପାଇଁ ନମୁନା ଦେବାକୁ ଚାହୁଁଛନ୍ତି, ତେବେ ସେ ସ୍ଥାନୀୟ ବ୍ଲକର ଜରୁରୀ ନମ୍ବରକୁ ଫୋନ୍ କରିପାରିବେ। ସ୍ୱାବ ନମୁନା ଦେବାଠାରୁ ରିପୋର୍ଟ ଜାଣିବା ପର୍ଯ୍ୟନ୍ତ ହୋମ କ୍ୱାରାଣ୍ଟାଇନ୍‌ରେ ରହିବାକୁ ସେ ଅନୁରୋଧ କରଛନ୍ତି।

ଓଏସ୍‌ଡି ଭାବେ ଗଞ୍ଜାମ ଆସିଥିବା ପ୍ରଶାସନିକ ଅଧିକାରୀମାନେ ପ୍ରତି ବ୍ଲକ ଓ ଏନଏସି ଦାୟିତ୍ୱରେ ଜଣେ ଲେଖାଏ ଅଛନ୍ତି। ଏମାନେ ରେଡ୍‌ଜୋନ୍‌ରୁ ଗ୍ରୀନ୍‌ଜୋନ୍ କିଭଳି ହେବ, ରେଡ୍‌ଜୋନ୍ ଓ କଣ୍ଟେନମେଣ୍ଟ ଜୋନ୍‌ରେ ସାନିଟାଇଜ୍ କାର୍ଯ୍ୟ, ଜରୁରୀକାଳୀନ ସେବା, ରାଶନ୍ ସାମଗ୍ରୀ କିଭଳି ଲୋକଙ୍କ ନିକଟକୁ ପହଞ୍ଚିବ ତାହାର ମନିଟରିଂ କରୁଛନ୍ତି। ବିଶେଷକରି ରେଡ୍ ଜୋନରେ ଥିବା ୱାର୍ଡ ଓ ଗାଁକୁ ଯାଇ କୋଭିଡ୍ -୧୯ ସମ୍ପର୍କରେ ସଚେତନ କରିବା ସହ ଆଶା, ଅଙ୍ଗନୱାଡି କର୍ମୀ, ଯୁବ ସ୍ୱେଚ୍ଛାସେବୀମାନଙ୍କ ସହ ଆଲୋଚନା ଏବଂ ଲୋକଙ୍କ ସୁବିଧା ଅସୁବିଧା ବୁଝୁଥିବା ସ୍ୱତନ୍ତ୍ର ଏଡିଏମ୍ ସୂଚନା ଦେଇଛନ୍ତି।

## ରେଡ୍‌ଜୋନ୍‌ରେ ଗଞ୍ଜାମର ୪୫୨ ଗ୍ରାମ




ଗଞ୍ଜାମ ଡିଆର୍‌ଡିଏ ପକ୍ଷରୁ ବୁଧବାର ପ୍ରସ୍ତୁତ ଏକ ଗ୍ରାଫରେ ଜିଲାର କରୋନା ସ୍ଥିତି ସମ୍ପର୍କରେ ସୂଚନା ଦିଆଯାଇଛି। ଗଞ୍ଜାମ ଜିଲାର ୩୧୮୭ ଗାଁକୁ ନେଇ ହୋଇଥିବା ସର୍ଭେରେ ୮୬ ପ୍ରତିଶତ ଅର୍ଥାତ୍ ୨୭୦୫ ଗାଁ ଗ୍ରୀନ୍ ଜୋନ୍‌ରେ ରହିଥିବା ଜଣାପଡ଼ିଛି। ଆଉ ୧୪ ପ୍ରତିଶତ ଅର୍ଥାତ୍ ୪୫୨ ଗାଁ ରେଡ୍ ଜୋନ୍‌ରେ ରହିଥିବା ଉକ୍ତ ଗ୍ରାଫରେ ଦର୍ଶାଯାଇଛି। ଗ୍ରୀନ୍ ଜୋନ୍‌ରେ କେହି କରୋନା ଆକ୍ଟିଭ ପଜିଟିଭ୍ ନ ଥିବା କୁହାଯାଇଛି। ଜିଲାର ଛତ୍ରପୁର, ହିଞ୍ଜିଳି, କବିସୂର୍ଯ୍ୟନଗର, ପୁରୁଷୋତ୍ତମପୁର, ଆସିକା, କୁକୁଡାଖଣ୍ଡି, ବେଲଗୁଣ୍ଠା, ବୁଗୁଡା ଆଦି ବ୍ଲକରେ ଅଧିକ କରୋନା ପଜିଟିଭ୍ ଆକ୍ଟିଭ୍ ଅଛନ୍ତି। ଅନ୍ୟପକ୍ଷରେ ଜିଲାରେ ବୁଧବାର ୩୭୧ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ୨୫ କରୋନା ଯୋଦ୍ଧା, ଟ୍ରାଭେଲ ହିଷ୍ଟ୍ରି ଥିବା ୨ ଜଣ ଏବଂ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ୩୪୪ ଜଣ ସଂକ୍ରମିତ ହୋଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି।

# ବ୍ରହ୍ମପୁର ଜେଲ୍‌ରେ ୪୩ ସଂକ୍ରମିତ

ବ୍ରହ୍ମପୁର ଅଫିସ,୨୨।୭

- କଏଦୀ ୩୩, ଜେଲରଙ୍କ ସମେତ ୧୦ ଆକ୍ରାନ୍ତ
- ପୂର୍ବରୁ ୨୫ ଚିହ୍ନଟ ହୋଇଥିଲେ

ଗଞ୍ଜାମ ଜିଲାରେ ଜୁଲାଇ ଆରମ୍ଭରୁ କରୋନା ସ୍ଥିତି ବିପଜ୍ଜନକ ହେଉଥିବା ବେଳେ ତାହା ଏବେ ଘାତକ ସାଜିଛି। ରାଜ୍ୟରେ ଚିହ୍ନଟ ସମୁଦାୟ ପଜିଟିଭଙ୍କ ମଧ୍ୟରୁ ୩୮ ପ୍ରତିଶତ ଗଞ୍ଜାମର ଜିଲାରେ। ଏହାର ପ୍ରଭାବ ମଧ୍ୟ ଏବେ ଜେଲରେ ରହୁଥିବା ବିଚାରାଧୀନ ବନ୍ଦୀ, କଏଦୀ ଓ ଜେଲରଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ଉପରେ ପଡୁଥିବା ଦେଖିବାକୁ ମିଳିଛି। ବୁଧବାର ମଧ୍ୟାହ୍ନ ସୁଦ୍ଧା ମିଳିଥିବା ରିପୋର୍ଟ ଅନୁଯାୟୀ, ମଣ୍ଡଳ କାରାଗାରରେ ୪୩ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୩୩ କଏଦୀ ଥିବା ବେଳେ କାରାପାଳ (ଜେଲର)ଙ୍କ ସମେତ ୧୦ କର୍ମଚାରୀ ଆକ୍ରାନ୍ତ ହୋଇଛନ୍ତି। ଏନେଇ ଜେଲ ଡିଆଇଜି ରଘୁନାଥ ମାଝି ସୂଚନା ଦେଇଛନ୍ତି। ଗତ ୧୯ ତାରିଖରେ ୯୨ କର୍ମଚାରୀ ଓ ୫୦ କଏଦୀଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ସେଥିମଧ୍ୟରୁ ୪୩ ପଜିଟିଭ ଆସିଛି ବୋଲି ସେ କହିଛନ୍ତି। ବର୍ତ୍ତମାନ ଜେଲରେ ରହୁଥିବା ବନ୍ଦୀ ଓ କଏଦୀଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହ କର୍ମଚାରୀଙ୍କ ସୁରକ୍ଷାକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ ବୋଲି ସେ କହିଛନ୍ତି। ସେହିପରି ପୂର୍ବରୁ ପର୍ଯ୍ୟାୟକ୍ରମେ ୨୧ ବନ୍ଦୀ ଓ ୪ କର୍ମଚାରୀଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ସେମାନଙ୍କୁ କୋଭିଡ୍ ହସ୍ପିଟାଲ ପଠାଯାଇଥିଲା।

ସୂଚନାଯୋଗ୍ୟ, ଜେଲରେ ଭିଡ଼ ଏଡ଼ାଇବା ଓ ସାମାଜିକ ଦୂରତ୍ୱ ପ୍ରସଙ୍ଗକୁ ନେଇ ୭୪୩ ବନ୍ଦୀଙ୍କ ମଧ୍ୟରୁ ବର୍ତ୍ତମାନ ୬୯୨ ରହିଛନ୍ତି। ସେମାନଙ୍କ ମଧ୍ୟରେ ୪୯୨ ବିଚାରାଧୀନ ବନ୍ଦୀ ଥିବା ବେଳେ ୨୦୦ କଏଦୀ ଅଛନ୍ତି ବୋଲି ଅଧୀକ୍ଷକ କୁଳମଣି ବେହେରା ସୂଚନା ଦେଇଛନ୍ତି।

# ମାଲକାନଗିରି: ଗୋଟିଏ ଦିନରେ ୬୬ ପଜିଟିଭ

ମାଲକାନଗିରି/କୋରୁକୋଣ୍ଡା/କାଳିମେଳା,୨୨।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ବୁଧବାର ୬୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ୬୬ଙ୍କ ମଧ୍ୟରୁ ମାଥିଲିରେ ୨୫ ଜଣ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ ସ୍ୱାସ୍ଥ୍ୟ କର୍ମଚାରୀ, ୧୯ ଜଣ ଅନ୍ୟମାନଙ୍କ ସଂସ୍ପର୍ଶରେ ଆସି ପଜିଟିଭ ହୋଇଥିବା ଜଣାପଡିଛି। ଜଣେ ପ୍ରଶାସନିକ ଅଧିକାରୀ, ୩ଜଣ ଜ୍ୱର ଓ ସର୍ଦ୍ଦିରେ ପୀଡିତ ବ୍ୟକ୍ତି ରହିଛନ୍ତି। ଚିହ୍ନଟଙ୍କ ମଧ୍ୟରେ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦରେ ୧୩ ଜଣ ରହିଛନ୍ତି। ସେଥିରୁ ୮ ଜଣ ଅନ୍ୟମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି, ୨ଜଣ ଜ୍ୱର ଓ ୩ଜଣ ସର୍ଦ୍ଦିରେ ପୀଡିତ ଗୃହ ସଙ୍ଗରୋଧରେ ଥିବା ବ୍ୟକ୍ତି ବୋଲି ଜଣାପଡିଛି। ସେହିପରି ମାଲକାନଗିରି ବ୍ଲକ ପଦ୍ମଗିରିର ଜଣେ ଅନ୍ୟମାନଙ୍କ ସଂସ୍ପର୍ଶରେ ଆସି ପଜିଟିଭ ହୋଇଛନ୍ତି। ମାଲକାନଗିରି ପୌର ପରିଷଦରେ ୧୫ ଜଣ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୯ ଜଣ ଅନ୍ୟମାନଙ୍କ ସଂସ୍ପର୍ଶରେ ଆସିଥିବା ବେଳେ ୬ ଜଣ ଜ୍ୱର ଓ ସର୍ଦ୍ଦିରେ ପୀଡିତ ରହିଛନ୍ତି। ସେହିପରି କାଳିମେଳା ବ୍ଲକରେ ୭ ଜଣ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ମଧ୍ୟରୁ ୪ ଜଣ ତାମିଲନାଡୁରୁ ଫେରଛନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କୁ କାଳିମେଳା ଏମଭି-୯୦ ମାନଙ୍କ ନମୁନା ସଂଗ୍ରହ କରି ପଠାଯାଇଥିଲା। ସେମାନଙ୍କର ରିପୋର୍ଟ ପଜିଟିଭ ଆସିଛି। ପୂର୍ବରୁ ଏହି କେନ୍ଦ୍ରରୁ ୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ତେବେ ଏମଭି-୭୯ ଅଞ୍ଚଳର ଦୁଇ ଶିକ୍ଷକ ଦମ୍ପତିଙ୍କ କରୋନା ପଜିଟିଭ ବାହାରିଛି। ଉଭୟେ ସ୍ୱାମୀ ସ୍ତ୍ରୀ ଘର ଯାଜପୁର ଜିଲାରୁ ୪ ଦିନ ତଳେ ଫେରି ଏମଭି-୭୯ ଅଞ୍ଚଳରେ ରହିଥିଲେ। ୩ ଦିନ ପରେ ସ୍ଥାନୀୟ ଲୋକେ ବ୍ଲକ ପ୍ରଶାସନକୁ ଖବର ଦେବା ପରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ନେଇ ଆଇସୋଲେସନ କେନ୍ଦ୍ରରେ ରଖାଯାଇଥିବା ଜଣାପଡିଛି। ଖଇରପୁଟ ବ୍ଲକରେ ୩ଜଣ ଚିହ୍ନଟ ହୋଇଛନ୍ତି। ଜଣେ କର୍ଣ୍ଣାଟକ ଫେରନ୍ତା ଓ ଅନ୍ୟ ୨ ଜଣ ଗୃହ ସଙ୍ଗରୋଧରେ ରହି ଅନ୍ୟମାନଙ୍କ ସଂସ୍ପର୍ଶରେ ଆସି ପଜିଟିଭ ହୋଇଥିବା କୁହାଯାଉଛି। ସେହିପରି କୋରୁକୋଣ୍ଡାରୁ ଜଣେ ଓ ପଡିଆର ଜଣେ ଗୃହ ସଙ୍ଗରୋଧରେ ଥିବା ବ୍ୟକ୍ତି ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ବୁଧବାର ସୁଦ୍ଧା ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୭୨ରେ ପହଞ୍ଚିଛି। ୧୮୦ ଜଣ ସୁସ୍ଥ ହୋଇଥିବା ବେଳେ ୧୯୨ ଜଣ ଚିକିତ୍ସାଧୀନ ଥିବା ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି।

## କନ୍ଧମାଳରେ ପ୍ରଥମ କରୋନା ମୃତ୍ୟୁ

**ଫୁଲବାଣୀ ଅଫିସ, ୨୨।୭**-କନ୍ଧମାଳ ଜିଲାରେ ପ୍ରଥମ କରି ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସାରଙ୍ଗଗଡ ଅଞ୍ଚଳର ୮୧ ବର୍ଷୀୟ ଏହି ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ଗତ ୧୭ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କଠାରେ କରୋନା ଲକ୍ଷଣ ଥିବାରୁ ଆଣ୍ଟିଜେନ୍ ପରୀକ୍ଷା କରାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିଥିଲା। ୧୮ ତାରିଖରେ ତାଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର ବେଳେ ମୃତ୍ୟୁ ଘଟିଥିଲା।

## ନବରଙ୍ଗପୁର ଜିଲାରୁ ୧୭ ନୂଆ ପଜିଟିଭ, ୨ କରୋନା ଯୋଦ୍ଧା

### ପୌରାଞ୍ଚଳର ଦୁଇ ୱାର୍ଡ, ୫ ବ୍ଲକ୍‌ର ୬ ସ୍ଥାନ କଣ୍ଟେନ୍‌ମେଣ୍ଟ ଜୋନ୍

ନବରଙ୍ଗପୁର,୨୨।୭(ବି.ପ୍ର.)

ନବରଙ୍ଗପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲାରୁ ୧୭ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବା ବୁଧବାର ଜିଲାପାଳ ଅଜିତ୍ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୮୩ରେ ପହଞ୍ଚିଛି। ସେଥିମଧ୍ୟରୁ ୧୩୭ ଜଣ ସୁସ୍ଥ ହୋଇ ଫେରିଥିବାବେଳେ ୪୫ ସକ୍ରିୟ ସଂକ୍ରମିତ ଚିକିତ୍ସିତ ଥିବା ଜଣାପଡ଼ିଛି। ନୂତନ ସଂକ୍ରମିତଙ୍କ ମଧ୍ୟରେ ୨ କରୋନା ଯୋଦ୍ଧା ରହିଛନ୍ତି। ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ସମ୍ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ୧୭ ସଂକ୍ରମିତଙ୍କ ମଧ୍ୟରେ ନବରଙ୍ଗପୁର ପୌରାଞ୍ଚଳରୁ ୧୨ଜଣ, କୋଷାଗୁମୁଡ଼ାରୁ ୪ ଏବଂ ତେନ୍ତୁଳିଖୁଣ୍ଟି ବ୍ଲକ୍‌ରୁ ଜଣେ ଚିହ୍ନଟ ହୋଇଥିବା ନବରଙ୍ଗପୁର ଜିଲାପାଳ ସୂଚନା ଦେଇଛନ୍ତି। ସଂକ୍ରମଣକୁ ରୋକିବା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ପୌରାଞ୍ଚଳର ୨ ୱାର୍ଡ (୪ ଏବଂ ୬) ସମେତ ୫ଟି ବ୍ଲକ୍‌ର ୬ ସ୍ଥାନକୁ ବୁଧବାରଠାରୁ ଅଗଷ୍ଟ ୧ ମଧ୍ୟରାତ୍ରି ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ଏ ନେଇ ନବରଙ୍ଗପୁର ଜିଲାପାଳ ଅଜିତ୍ କୁମାର ମିଶ୍ର ପ୍ରେସ୍ ଇସ୍ତାହାର ମାଧ୍ୟମରେ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଏଥିପୂର୍ବରୁ ଜିଲାକୁ ମଙ୍ଗଳବାର ସକାଳ ୫ଟାରୁ ବୁଧବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରାଯାଇଥିଲା।

# ସମସ୍ତ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇ ମୁକୁଳିଲେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ନେଇ ଉଠିଲା ପ୍ରଶ୍ନ

ମାଲକାନଗିରି/ପାଣ୍ଡ୍ରିପାଣି, ୨୨।୭(ସ୍ୱ.ପ୍ର./ଡି.ଏନ.ଏ.)

ମାଲକାନଗିରି ସଦର ମହକୁମା ପାଣ୍ଡ୍ରିପାଣି ପଞ୍ଚାୟତର ଲୋକନାଥ ଖରା, (୩୦) ପୂଜାରୀମୁଣ୍ଡାସ୍ଥିତ ଚାଷଜମିରୁ କାମ ସାରି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଜୟପୁର ଆଡୁ ଆସୁଥିବା କାର୍ (ଓଡି୩୦ସି-୮୧୭୧) ତାଙ୍କୁ ଧକ୍କାଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ନିକଟରେ ଜମିରେ କାମ କରୁଥିବା ଲୋକେ ପାଟି କରିଥିଲେ ମଧ୍ୟ କାର୍ ଅଟକି ନ ଥିଲା। ଗ୍ରାମର କେତେଜଣ ଯୁବକ କାର୍‌କୁ ପିଛାକରି ସିନ୍ଧ୍ରିମାଳ ନିକଟରେ ଅଟକାଇଥିଲେ। ଦୁର୍ଘଟଣାସ୍ଥଳରେ ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। କାର୍‌ରେ ଥିବା ଦୁଇ ଜଣ ପୁରୁଷ ଓ ଦୁଇ ଜଣ ଝିଅ ବସିଥିଲେ। ଲୋକଙ୍କ ଭୟରେ ସେମାନେ ମାଲକାନଗିରି ମେଡିକାଲର ଡାକ୍ତର ବୋଲି ପରିଚୟ ଦେଇ ସେମାନଙ୍କୁ ଛାଡିଦେବାକୁ କହିଥିଲେ। ଯଦି ସେମାନେ ଡାକ୍ତର ତେବେ ଦୁର୍ଘଟଣା ଘଟାଇ ମଣିଷପଣିଆ ଭୁଲି କିଭଳି ଚାଲିଯାଉଥିଲେ ବୋଲି ଲୋକେ ପ୍ରଶ୍ନ କରିଥିଲେ। ଖବରପାଇ ଆଇଆଇସି ରାମପ୍ରସାଦ ନାଗ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ସମ୍ପୃକ୍ତ ଯୁବକଙ୍କ କ୍ଷତିପୂରଣ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଲୋକେ ଛାଡିଥିଲେ। ଉପସ୍ଥିତ ଥିବା ତହସିଲଦାର ଗୁଣନିଧି ନାୟକ ମଧ୍ୟ ସମ୍ପୃକ୍ତ ଯୁବକଙ୍କ ପରିବାରକୁ ସମସ୍ତ ସରକାରୀ ଯୋଜନାରେ ସାମିଲକରି ସହାୟତା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ କାର୍‌ର ବ୍ୟକ୍ତିମାନେ ଡାକ୍ତର ଥିଲେ କି ଅନ୍ୟ କେହି ଡାକ୍ତରଙ୍କ ପରିଚୟ ଦେଇ ଖସିଯିବାକୁ ଚାହୁଁଥିଲେ। ଯଦି ସେମାନେ ପ୍ରକୃତରେ ଡାକ୍ତର ଥିଲେ ତେବେ ସେମାନେ କେଉଁଆଡ଼େ ଯାଇଥିଲେ ତା'ର ଖୋଳତାଡ ପ୍ରଶାସନ କରିବାକୁ ସାଧାରଣରେ ଦାବି ହେଉଛି।

## ଏଡିଏମ୍‌ଙ୍କ ଶେଷକୃତ୍ୟ ସମ୍ପନ୍ନ: କରୋନାରେ ସଂକ୍ରମିତ ଥିଲେ

ପାରଳାଖେମୁଣ୍ଡି,୨୨।୭ (ସ୍ୱ.ପ୍ର.) - ଗଜପତି ଜିଲାର ଅତିରିକ୍ତ ଜିଲାପାଳ (ରାଜସ୍ୱ) ସ୍ୱର୍ଗତ କରୁଣାକର ରାଇକାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଏବଂ ସମ୍ମାନ ଦେଇ ବୁଧବାର ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ଏହି କାର୍ଯ୍ୟକ୍ରମରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି.ଆପାଙ୍ଗ ଆଓ, ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ, ବ୍ରହ୍ମପୁର ଏସ୍.ପି. ପିନାକ ମିଶ୍ର, ଗଜପତି ଜିଲାପାଳ ଅନୁପମ ଶାହା, ପାରଳାଖେମୁଣ୍ଡି ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ପ୍ରମୁଖ ବ୍ରହ୍ମପୁରଠାରେ ହୋଇଥିବା ଏହି ଶେଷକୃତ୍ୟରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, ସ୍ୱର୍ଗତ ରାଇକା କୋଭିଡ୍ ଯୋଦ୍ଧା ଭାବେ ଆଗ ଧାଡିରେ କାର୍ଯ୍ୟରତ ଥିଲେ। ଥଣ୍ଡା ଜ୍ୱରରେ ପୀଡିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ମଙ୍ଗଳବାର ପ୍ରଶାସନ ସୂଚନା ଦେଇଥିଲା। ତେବେ ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ ଆସିଥିବା ଜିଲାପାଳ ଘୋଷଣା କରିଛନ୍ତି।

## କରୋନା ଗାଇଡ୍‌ଲାଇନ ପାଳନ ନେଇ ଅନୁଧ୍ୟାନ କଲେ ଅତିରିକ୍ତ ଜିଲାପାଳ



ଅତିରିକ୍ତ ଜିଲାପାଳ କୋଭିଡ ଗାଇଡ୍‌ଲାଇନ୍ ସମୀକ୍ଷା କରୁଛନ୍ତି।

କୋରାପୁଟ,୨୨।୭(ସ୍ୱ.ପ୍ର.)

କୋରାପୁଟ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପରେ ଜିଲା ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ କାର୍ଯ୍ୟାଳୟରେ କିପରି କରୋନା ଗାଇଡ୍‌ଲାଇନ ପାଳନ କରାଯାଉଛି। ସେ ନେଇ ବୁଧବାର ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ ସମୀକ୍ଷା କରିଛନ୍ତି। ଅତିରିକ୍ତ ଜିଲାପାଳ କୋରାପୁଟ ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ଗାଇଡ୍‌ଲାଇନ କିପରି ପାଳନ ହେଉଛି ବିଭାଗୀୟ ନିର୍ଦ୍ଦେଶକ ଭବାନୀ ଶଙ୍କର କାଲୋଙ୍କ ସହ ଆଲୋଚନା କରିଥିଲେ। ପରେ ସେ କୋରାପୁଟ ବ୍ଲକ କାର୍ଯ୍ୟାଳୟ ଯାଇ ସେଠାରେ ବିଡିଓଙ୍କ ସହ ଆଲୋଚନା କରିଥିଲେ। ସେହିପରି ଜିଲା ଯୋଜନା (ଡିପିଏମୟୁ) କାର୍ଯ୍ୟାଳୟ, ଏକ୍ସିସ ବ୍ୟାଙ୍କ ପରିଦର୍ଶନ କରି ସେଠାରେ ସାମାଜିକ ଦୂରତ୍ୱ ରକ୍ଷା ଓ ସାନିଟାଇଜ ଉପରେ ଗୁରୁତ୍ୱାରୋପ କରିଥିଲେ।

## ବଲ୍ଲଭ ସାହିତ୍ୟ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ

ନବରଙ୍ଗପୁର,୨୨।୭(ବି.ପ୍ର.): ଆଗାମୀ ତିନି ବର୍ଷ ପାଇଁ ସରକାର ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦର ପୁନର୍ଗଠନ କରିଛନ୍ତି। ଉକ୍ତ ପରିଷଦର ସଦସ୍ୟ ରୂପେ ନବରଙ୍ଗପୁର ଜିଲାର ଲେଖକ, ତଥା ସଙ୍ଗଠକ ବଲ୍ଲଭ ରାଉତଙ୍କୁ ମନୋନୀତ କରାଯାଇଛି। ରାଉତ ଜଣେ ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ। 'ବନସୁରଭି ପ୍ରକାଶନ' ନାମରେ ଏକ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଗଠନ କରିଛନ୍ତି। ଅନେକ ପୁସ୍ତକ ରଚନା ସହ ଜିଲାର ସାହିତ୍ୟ ଓ ସଂସ୍କୃତିକୁ ସେ ରୁଦ୍ଧିମନ୍ତ କରିଛନ୍ତି। ସେ ଏକାଡେମୀ ପରିଷଦର ସଦସ୍ୟ ମନୋନୀତ ହୋଇଥିବାରୁ ଏକାଡେମୀର ପୂର୍ବତନ ସଦସ୍ୟ ବୁଲୁ ହୋତା, ସଦସ୍ୟା ଜେମାମଣି ବିଷୋୟୀ, ରାମପ୍ରସାଦ ପାତ୍ର, ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ପ୍ରମୁଖ ବହୁ ବୁଦ୍ଧିଜୀବୀ ଓ ସାହିତ୍ୟପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି।

# କଣ୍ଟେନ୍‌ମେଣ୍ଟ ଜୋନ୍‌କୁ ନେଇ ଚିନ୍ତାରେ ସହରବାସୀ

ଫୁଲବାଣୀ ଅଫିସ, ୨୨।୭

ଗଞ୍ଜାମ ଫେରନ୍ତା ଜଣେ ବ୍ୟକ୍ତି କରୋନା ସଂକ୍ରମିତ ହୋଇଥିବା ଫୁଲବାଣୀରୁ ଚିହ୍ନଟ ହେବା ଏବଂ ମେଡିକାଲରେ ଅନ୍ୟ ଜଣେ ସଂକ୍ରମିତଙ୍କ ମୃତ୍ୟୁ ପରେ ଜିଲା ପ୍ରଶାସନ ସହରକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛି। ଏହାକୁ ନେଇ ଫୁଲବାଣୀ ସହରବାସୀ ଏବେ ଚିନ୍ତାରେ। ଗୋଟିଏ ପଟେ ସଂକ୍ରମଣ ଆଶଙ୍କା ବଢୁଥିବା ବେଳେ ଅନ୍ୟପଟେ ଜୀବିକା ଚିନ୍ତା। ଗରୀବ ଖଟିଖିଆଙ୍କ ନିଦ ହଜିଲାଣି। ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ନେଇ ବହୁ ହଇରାଣ ହେଉଛନ୍ତି।

ପଜିଟିଭ୍ ଚିହ୍ନଟ ଆଇନଜୀବୀ ଗଞ୍ଜାମରୁ ଫେରିବା ପରେ ସହରର ବିଭିନ୍ନ ଅଞ୍ଚଳ ବୁଲି ଅନେକଙ୍କ ସହ ମିଶିଛନ୍ତି। ଏପରିକି ସେ ଏକ ଭୋଜିରେ ମଧ୍ୟ ଯୋଗ ଦେଇଥିବା ଆଲୋଚନା ହେଉଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ଜଣେ ପୋଲିସ ଏସ୍‌ଆଇଙ୍କର ମଧ୍ୟ ଆଣ୍ଟିଜେନ ପରୀକ୍ଷାରେ ପଜିଟିଭ୍ ଆସିଛି। ଉଭୟଙ୍କୁ ପ୍ରଶାସନ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରିଛି। ସେହିପରି ଅନ୍ୟଜଣେ ବୃଦ୍ଧଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। ତାଙ୍କର ଆଣ୍ଟିଜେନ୍ ପରୀକ୍ଷାରେ ରିପୋର୍ଟ ପଜିଟିଭ ଆସିଥିଲା। ତେଣୁ ସଂକ୍ରମଣକୁ ରୋକିବା ପାଇଁ ପ୍ରଶାସନ ଫୁଲବାଣୀ ସହରର ୨ନଂ ୱାର୍ଡକୁ ଛାଡି ବାକି ସବୁ ୱାର୍ଡକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛି। ଏଥିସହ ଥାନା, ହସ୍ପିଟାଲ ସମେତ ସହରର ବିଭିନ୍ନ ଅଞ୍ଚଳକୁ ସାନିଟାଇଜ କରାଯାଇଛି। ସଂକ୍ରମିତଙ୍କ କଣ୍ଟାକ୍ଟ ଟ୍ରେସିଂ ଚାଲିଥିଲେ ମଧ୍ୟ ୪ ଦିନ ପରେ ବି କୌଣସି ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇନାହିଁ। କଣ୍ଟେନମେଣ୍ଟ ଜୋନରେ ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ପ୍ରଶାସନ ଘୋଷଣା କରିବା ସହ କିଛି ଦୋକାନୀଙ୍କ ଫୋନ ନମ୍ବର ତାଲିକା ପ୍ରକାଶ କରିଥିଲା। ଦୋକାନୀ ଲୋକଙ୍କୁ ସାମଗ୍ରୀ ଯୋଗାଇ ଦେବାର ଥିଲା। ହେଲେ ସ୍ୱଳ୍ପ ସଂଖ୍ୟକ ଦୋକାନୀଙ୍କ ଯୋଗୁ ଲୋକଙ୍କ ଚାହିଦା ପୂରଣ ହୋଇପାରୁନି। ସେପଟେ ବହୁ ଗରୀବ ଲୋକେ ମୂଲଲାଗି ଅବା ଛୋଟ ବ୍ୟବସାୟ କରି ପରିବାର ଚଳାଉଥିଲେ। ଏବେ ସେମାନଙ୍କ ଆର୍ଥିକ ଅବସ୍ଥା ଦୋହଲି ଗଲାଣି। କେବେ କଣ୍ଟେନମେଣ୍ଟ ଉଠିବ ତାହାର ଉତ୍ତର କାହା ପାଖରେ ନାହିଁ।

## ମିଳୁନି ଅତ୍ୟାବଶ୍ୟକ ସାମଗ୍ରୀ

ରାଇକିଆ, ୨୨।୭(ଡି.ଏନ୍.ଏ.)

ରାଇକିଆ ସହର ସମେତ ୧୩ ଗ୍ରାମରେ ୧୨ ଦିନ ହେଲା ଅଚଳାବସ୍ଥା ଦେଖାଦେଇଛି। ଜୁଲାଇ ୧୦ରେ ୨ କରୋନା ପଜିଟିଭ ଚିହ୍ନଟ ପରେ ରାଇକିଆ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା। ରାଶନ ସାମଗ୍ରୀ ଠାରୁ ଆରମ୍ଭ କରି ଔଷଧ ଦୋକାନ ସବୁ ବନ୍ଦ ରହିଛି। ପାଖାପାଖି ୧୩ ହଜାର ଲୋକ ଏହା ଭିତରେ ରହିଛନ୍ତି। ସେହିପରି ବଫର୍ ଜୋନ୍‌ରେ ଥିବା ୧୭ ଗ୍ରାମ ପ୍ରତ୍ୟେକ କ୍ଷେତ୍ରରେ ରାଇକିଆ ଉପରେ ନିର୍ଭର କରିଥାନ୍ତି। ସେମାନେ ମଧ୍ୟ ସମାନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖାଦ୍ୟ ସାମଗ୍ରୀ ଓ ଔଷଧ ଠିକ୍‌ରେ ମିଳୁନାହିଁ। ଚାଷ କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଥିବା ବେଳେ ଆବଶ୍ୟକ ସାର, ବିହନ ମିଳୁନାହିଁ। ଔଷଧ ଭଳି ଜରୁରୀ ସାମଗ୍ରୀ ସରି ଯାଇଛି, ମାଲବାହୀ ଟ୍ରକ ଆସୁ ନଥିବାରୁ ଏସବୁ ଆସିପାରୁନାହିଁ ବୋଲି ଉତ୍ତର ମିଳୁଛି। କନ୍ଧମାଳ ଜିଲାକୁ ଅତ୍ୟାବଶ୍ୟକ ସାମଗ୍ରୀ ଗଞ୍ଜାମରୁ ଆସିଥାଏ। କଟକଣା ଯୋଗୁ ତାହା ଏବେ ବନ୍ଦ ହୋଇ ଯାଇଛି। ବୁଧବାର ରାଇକିଆର ବିଭିନ୍ନ ସଙ୍ଗଠନ ସଦସ୍ୟମାନେ ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। କଣ୍ଟେନ୍‌ମେଣ୍ଟ ଉଠାଇବା ନେଇ ବିଡ଼ିଓ ପ୍ରବୀଣ କୁମାର ବାଣୁଆ କହିଛନ୍ତି, ବର୍ତ୍ତମାନ କୌଣସି ନିଷ୍ପତ୍ତି ହୋଇ ନାହିଁ, ପରିସ୍ଥିତିକୁ ଦେଖି ଚିନ୍ତା କରାଯିବ।




ରାଇକିଆ ସହର ପ୍ରବେଶପଥ ସିଲ୍ କରାଯାଇଛି।

### ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

## ଘାଟିରେ ଡକାୟତି ଘଟଣା: ୨ ଗିରଫ

### ଅନ୍ୟ ୨ ନାବାଳକଙ୍କ ସମ୍ପୃକ୍ତି

ଫୁଲବାଣୀ ଅଫିସ/ଖଜୁରିପଡ଼ା (ଡି.ଏନ୍.ଏ.), ୨୨।୭

ଫୁଲବାଣୀ ସହରଠାରୁ କିଛି ଦୂର ଭେଟଖୋଲ ଘାଟିରେ ଗତ ୧୭ ତାରିଖ ରାତିରେ ହୋଇଥିବା ଡକାୟତି ଘଟଣାରେ ପୋଲିସ ବୁଧବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟିକାବାଲି ଥାନା ଘୋଡାଗାଁର ପ୍ରମୋଦ ଦିଗାଲ, ଫୁଲବାଣୀ ପେଣ୍ଡିସାହିର ମନୋଜ ମହାକୁଡ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ନାବାଳକଙ୍କୁ ବାଳ ନ୍ୟାୟିକ ସମିତିରେ ହାଜର କରାଯାଇଛି। ଅଭିଯୁକ୍ତଙ୍କଠାରୁ ୬୮ ହଜାର ଟଙ୍କା ଜବତ ହୋଇଥିବା ଥାନାଧିକାରୀ ଆଦିତ୍ୟ କୁମାର ସେଠୀ କହିଛନ୍ତି। ଭେଟଖୋଲ ଘାଟି ରାସ୍ତାରେ ଯାଉଥିବା ଏକ ପିକ୍‌ଅପ ଭ୍ୟାନକୁ ଅଭିଯୁକ୍ତମାନେ ଟେକାପଥର ଫିଙ୍ଗି ଅଟକାଇଥିଲେ। ଡ୍ରାଇଭରଙ୍କୁ ଧମକାଇ ୭୨ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ଡ୍ରାଇଭର ଅନୁଗୋଳ ଜିଲାର ସନ୍ତୋଷ ସାହୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୬୫/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

